e-Khabar
Sambalpur Municipal Corporation
October 2019 Edition

## ରକ୍ତ ଦାନ ମହତ୍ ଦାନ

ସମ୍ବଲପୁର, ୭।୮: ସମ୍ବଲପୁର ମହାନଗର ନିଗମ ଆନୁକୂଲ୍ୟରେ ଜନାର୍ଦ୍ଦନ ପୂଜାରୀ ମାତୃ ମଙ୍ଗଳ କେନ୍ଦ୍ରଠାରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ ୬୩ ଜଣ ସ୍ବେଚ୍ଛାକୃତ ରକ୍ତଦାନ କରିଥିଲେ। ସେମାନଙ୍କ ମଧ୍ୟରେ ଜଣେ ଶତକୀୟ ରକ୍ତଦାତା, ୧୩ ଜଣ ପ୍ରଥମଥର ରକ୍ତଦାତା, ବହୁ ମହିଳା ଏବଂ ବୟୋଜ୍ୟେଷ୍ଠ ରକ୍ତଦାତା ସାମିଲ ଥିଲେ। ରକ୍ତଦାତାମାନଙ୍କୁ ଗୋଟିଏ ଲେଖାଏଁ ଚାରା ଉପହାର ଦିଆ ଯାଇଥିଲା।

ସମ୍ବଲପୁର ମହାନଗର ନିଗମର କମିସନର ତ୍ରିଲୋଚନ ମାଝୀ ଉଦ୍‌ଘାଟନ କରିବା ସହ ନିଜେ ରକ୍ତଦାନ କରି ଶିବିର ଆରମ୍ଭ କରିଥିଲେ। ଭାରପ୍ରାପ୍ତ ଡେପୁଟି କମିସନର ଶୁଭଙ୍କର ମହାନ୍ତି, ନୋଡାଲ ସିଓ ଅପର୍ଣ୍ଣା ପାଢ଼ୀ ଏବଂ ସମ୍ବିତ ପ୍ରଧାନ, ଗୋଲବଜାର ସହରାଞ୍ଚଳ ପ୍ରାଥମିକ ସ୍ବାସ୍ଥ୍ୟ କେନ୍ଦ୍ରର ଚିକିତ୍ସା ଅଧିକାରୀ ଡା. ରମେଶ ପଣ୍ଡା, ବିଜୁ ଯୁବ ବାହିନୀ ସମ୍ବଲପୁର ମହାନଗର ନିଗମର ଯୁବ ସଂଯୋଜକ ଅଭିଷେକ ମିଶ୍ରଙ୍କ ତତ୍ତ୍ବାବଧାନରେ ଶିବିର ପରିଚାଳିତ ହୋଇଥିଲା। ଭିମସାର୍ ରକ୍ତଭଣ୍ଡାରର ଡା. ସତ୍ୟବ୍ରତ ପାଢ଼ଯୋଶୀ, ବରିଷ୍ଠ ଟେକ୍‌ନିସିଆନ ସୁରେନ୍ଦ୍ର ନାଥ ମଲ୍ଲିକ ଏବଂ ରବି ନାରାୟଣ ରାଉତ, କାଉନ୍‌ସେଲର ମଣ୍ଟୁ ପ୍ରଧାନ, ଲାବ୍ ଆଟେଣ୍ଡାଣ୍ଟ ଉମାକାନ୍ତ ଭୋଇ, ଜନକ ବେହେରା ଏବଂ ପାଇନୁ ଭୋଇ ଶିବିର ପରିଚାଳନା କରିଥିଲେ। 'ସମ୍ବଳ'ର ସୁବ୍ରତ ପଣ୍ଡା ଏବଂ ରାମଦାସ ପଣ୍ଡା ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ। ଶିବିରକୁ ସଫଳ କରିବାରେ ବିଜୁ ଯୁବ ବାହିନୀର ପ୍ରିୟବ୍ରତ ପଣ୍ଡା, ଅମ୍ବରୀଶ ବନେଛାର, ହେମନ୍ତ ବେହେରା, ସୁଚିସ୍ମିତା ହଂସ, ମଧୁଛନ୍ଦା ଘଡ଼େଇ, ମଦନ ଗୋପାଳ ମୁଣ୍ଡାଙ୍କ ସମେତ ଅନ୍ୟ ସଦସ୍ୟମାନେ ପ୍ରମୁଖ ଭୂମିକା ନିଭାଇ ଥିଲେ। ଗୁଣରଂଜନ ସାଲିମା, ପ୍ରସନ୍ନ ପରିଡ଼ା, ରାଜେଶ ମିଶ୍ର, ବିଶ୍ବନାଥ ପୁରୋହିତଙ୍କ ସମେତ ମହାନଗର ନିଗମ, ଜନାର୍ଦ୍ଦନ ପୂଜାରୀ ମାତୃମଙ୍ଗଳ କେନ୍ଦ୍ର, ଗୋଲବଜାର ସହରାଞ୍ଚଳ ସ୍ବାସ୍ଥ୍ୟ କେନ୍ଦ୍ରର କର୍ମଚାରୀମାନେ ଶିବିର ପରିଚାଳନାରେ ସହଯୋଗ କରିଥିଲେ।


OFFICE
DAILY INDOOR DUTY CHART OF


ରକ୍ତ ଦାନ, ମହତ ଦାନ


ରକ୍ତ ଦାନ, ମହତ ଦାନ


ରକ୍ତ ଦାନ, ମହତ ଦାନ







**By: MRT, AMRUT, SMC**